# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 January - 2025

### News Editor : Itishree Singh Rathaur

***********************************

## ମୁଖ୍ୟ ସମ୍ବାଦ

- ନୂଆପଡା ଓ ଛତିଶଗଡ଼ ସୀମାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୪ ମାଓବାଦୀ ନିହତ

— ନକ୍ସଲମୁକ୍ତ ଭାରତ ଗଠନରେ ସୁରକ୍ଷା କର୍ମୀଙ୍କ ଭୂମିକାକୁ ପ୍ରଶଂସା କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ପ୍ରାଥମିକ ସ୍ତରରେ ବ୍ୟବସ୍ଥା ସୁଦୃଢ଼ ହେଲେ ଶିକ୍ଷା କ୍ଷେତ୍ରରେ ଉନ୍ନତି ହେବ; କହିଲେ, ମୁଖ୍ୟମନ୍ତ୍ରୀ

— ଭୁବନେଶ୍ୱରରେ ଆରମ୍ଭ ହେଲା ନୂତନ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରିତା କର୍ମଶାଳା

- ସୁଭଦ୍ରା ଯୋଜନାରେ ରାଜ୍ୟ ବାହାରେ ରହୁଥିବା ଓଡ଼ିଆ ଆବେଦନ କରିପାରିବେ; ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ଏବଂ

- ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗରେ ରାଞ୍ଚି ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଆଜି ଓଡ଼ିଶା ୱାରିୟର୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ହେବ ମୁକାବିଲା

## ମାଓବାଦୀ ନିହତ

ନୂଆପଡ଼ା ଓ ଛତିଶଗଡ଼ର ଗରିଆବନ୍ଧ ସୀମାରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୧୪ ଜଣ ମାଓବାଦୀ ନିହତ ହୋଇଥିବା ସୂଚନା ମିଳିଛି । ମୃତକଙ୍କ ମଧ୍ୟରେ ୨ ଜଣ ମହିଳା କ୍ୟାଡର ମାଓବାଦୀ ଥିବାବେଳେ ନକ୍ସଲ କେନ୍ଦ୍ରୀୟ କମିଟିର ଓଡ଼ିଶା କ୍ୟାଡର ମାଓନେତା ଜୟରାମ ଓରଫ ଚଲପତି ପ୍ରାଣ ହରାଇଥିବା ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି । କେନ୍ଦ୍ରୀୟ କମିଟିର ଜଣେ ମାଓବାଦୀ ନେତା ସୁରକ୍ଷାକର୍ମୀଙ୍କ ଦ୍ୱାରା ନିହତ ହେବା ଘଟଣା ମାଓ ଦମନ ମୁକାବିଲା ଅଭିଯାନରେ ଏକ ବଡ଼ ସଫଳତା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା କହିଛନ୍ତି । ଦେଶକୁ ସମ୍ପୂର୍ଣ୍ଣ ମାଓମୁକ୍ତ କରିବା ଦିଗରେ ପୁଲିସ୍ ସୁରକ୍ଷାକର୍ମୀ ଓ ଏସ୍ଓଜି ଯବାନଙ୍କ ଭୂମିକାକୁ ଶ୍ରୀ ଶାହା ପ୍ରଶଂସା କରିଛନ୍ତି ।

ପୁଲିସ୍‌ର ସୂଚନା ଅନୁଯାୟୀ, ଓଡ଼ିଶା ଛତିଶଗଡ଼ ସୀମା ଗରିଆବନ୍ଧ ଜିଲ୍ଲା ମଣିପୁର ଥାନା ଅଞ୍ଚଳରେ ମାଓମେଳି ସମ୍ପର୍କରେ ଗୁଇନ୍ଦା ସୂତ୍ରରୁ ସୂଚନା ପାଇ ଓଡ଼ିଶା ଓ ଛତିଶଗଡ଼ ପୁଲିସ୍ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ ସହ ମିଶି ତଲାସୀ ଅଭିଯାନ ଆରମ୍ଭ କରିଥିଲେ । ଗତକାଲି ସକାଳେ କୁଲାହାରୀ ଘାଟରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଘଟଣାସ୍ଥଳରୁ ସୁରକ୍ଷାକର୍ମୀମାନେ ଗୋଟିଏ ଏସ୍ଏଲ୍ଆର, ୩ଟି ବିସ୍ଫୋରକ ଓ ବହୁ ମାଓ ସାମଗ୍ରୀ ଜବତ କରିଛନ୍ତି ।

## ଜାତୀୟ ଶିକ୍ଷାନୀତି – କର୍ମଶାଳା

ପ୍ରାଥମିକ ସ୍ତରରେ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେଲେ ଶିକ୍ଷା କ୍ଷେତ୍ରର ଉନ୍ନତି ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ନେଇ ଆଜିଠାରୁ ଆରମ୍ଭ ହୋଇଥିବା ଜାତୀୟ ସ୍ତରୀୟ କର୍ମଶାଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ଜାତୀୟ ଶିକ୍ଷାନୀତି ଛାତ୍ର ଓ ଯୁବଶକ୍ତିର ଦକ୍ଷତା ବୃଦ୍ଧିରେ ସହାୟକ ହେବ। ଏହା ନୀତି ପରମ୍ପରା ଓ ମୂଲ୍ୟବୋଧ ଉପରେ ପର୍ଯ୍ୟବସିତ। ନୂତନ ଶିକ୍ଷାନୀତିରେ ଜ୍ଞାନଗତ ଶିକ୍ଷା, ସାକ୍ଷରତା ଓ ସଂଖ୍ୟାଗତ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ସମାନ ଗୁଣାତ୍ମକ ଶିକ୍ଷାର ସୁଯୋଗ ସୃଷ୍ଟି ପାଇଁ ନୂତନ ଶିକ୍ଷାନୀତି ଲାଗୁ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଶ୍ରୀ ମାଝୀ କହିଛନ୍ତି, ରାଜ୍ୟରେ ନୂତନ ଜାତୀୟ ଶିକ୍ଷାନୀତି ଲାଗୁ ହେବା ଦ୍ୱାରା ଶିକ୍ଷା ବ୍ୟବସ୍ଥାରେ ବୃହତ୍ ପରିବର୍ତ୍ତନ ଆସିବ। ଏଥିପାଇଁ ଅଧିକ ମାନବ ସମ୍ବଳ ଏବଂ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯିବ।

**- V/O -**

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ୨୦୩୬ ମସିହାରେ ସମୃଦ୍ଧ ଓଡ଼ିଶା ଓ ୨୦୪୭ ମସିହାରେ ବିକଶିତ ଭାରତ ଗଠନରେ ଜାତୀୟ ଶିକ୍ଷାନୀତି ସହାୟକ ହେବ। ଶିକ୍ଷା, ସମାନତା, ଗୁଣାତ୍ମକ ଏବଂ ସମସ୍ତଙ୍କ ନିକଟରେ ଉପଲବ୍ଧ ହେବା ଆବଶ୍ୟକ। କେନ୍ଦ୍ରମନ୍ତ୍ରୀ ଆଂଚଳିକ ଭାଷା ତଥା ମାତୃଭାଷାରେ ପାଠ ପଢ଼ା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ସୂଚନା

ଅନୁସାରେ, ରାଜ୍ୟ ସରକାର ୨୦୨୫-୨୬ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷାନୀତିକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ଲାଗି ଘୋଷଣା କରିଛନ୍ତି।

# ଧାନ ସଂଗ୍ରହ ପ୍ରକ୍ରିୟା

ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଏପର୍ଯ୍ୟନ୍ତ ୧୭ଲକ୍ଷ ଅଣଚାଶ ହଜାର ୯୮୭ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି । ଧାନକିଣା ପ୍ରକ୍ରିୟା ଗତ ନଭେମ୍ବର ମାସ ୨୦ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ବରଗଡ ଜିଲ୍ଲାରେ ସର୍ବାଧିକ ୧ଲକ୍ଷ ୫୫ହଜାର ୬୧୭ଜଣ ଚାଷୀ ପଞ୍ଜିକୃତ ହୋଇଥିବା ଜଣାପଡିଛି । ରାଜ୍ୟର ୩୦ଟି ଜିଲ୍ଲାର ୩ହଜାର ୯୦୩ଟି ମଣ୍ଡିରେ ଧାନକିଣା ପାଇଁ ବ୍ୟବସ୍ଥା ହୋଇଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି ।

## ବେଟି ବଚାଓ-ବେଟି ପଢ଼ାଓ

କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ 'ବେଟି ବଚାଓ-ବେଟି ପଢ଼ାଓ' ଯୋଜନାର ଦଶ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଏହି ଉପଲକ୍ଷେ ରାଜ୍ୟ ଓ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯିବ। ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ଉଦ୍‌ଯାପିତ ହେବ। ବିକଶିତ ଭାରତ ଗଠନରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ଲକ୍ଷ୍ୟରେ ସଶକ୍ତ

ମହିଳା ସମାଜ ଗଠନ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରଣାଳୟ କହିଛି।

## ସୁଭଦ୍ରା ଯୋଜନା

ରାଜ୍ୟ ବାହାରେ ଥିବା ଯୋଗ୍ୟ ମହିଳା ହିତାଧିକାରୀମାନେ ସୁଭଦ୍ରା ଯୋଜନାରେ ସହାୟତା ପାଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ସୁଭଦ୍ରା ଯୋଜନାର ଜିଲ୍ଲାଭିତ୍ତିକ ସମୀକ୍ଷା କରି ଶ୍ରୀମତୀ ପରିଡା ଯେଉଁମାନେ ସୁଭଦ୍ରା ଯୋଜନା ପାଇଁ ଆବେଦନ କରିନାହାନ୍ତି, ସେମାନଙ୍କୁ ଶୀଘ୍ର ଆବେଦନ କରିବାକୁ ପରାମର୍ଶ ଦେଇଛନ୍ତି। ସୁଭଦ୍ରା ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

## ରାଷ୍ଟ୍ରୀୟ ଶିଶୁ ସନ୍ତାନ ଦିବସର ସପ୍ତାହ

**ନବରଙ୍ଗପୁର**ରେ କେନ୍ଦ୍ର ମହିଳା ଏବଂ ବାଲ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ୱାନ ଷ୍ଟପ ସେଣ୍ଟର **'ସଖୀ'** ତରଫରୁ ରାଷ୍ଟ୍ରୀୟ ଶିଶୁ ସନ୍ତାନ ଦିବସ ସପ୍ତାହ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବାଳିକାଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଉପରେ ସଚେତନତା ଏବଂ ଆଲୋଚନାକୁ ଉତ୍ସାହିତ କରିବା ପାଇଁ ଏକ ବିତର୍କ ପ୍ରତିଯୋଗିତା କରାଯାଇଥିଲା। ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଶିଶୁ ପ୍ରକଳ୍ପ ଅଧିକାରୀ ମନୋରମା ମାଝୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷା, ଲିଙ୍ଗଗତ ସମାନତା ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଉପରେ ଦିଗଦର୍ଶନ ଦେଇଥିଲେ।

## ବଲାଙ୍ଗିର ଲୋକ ମହୋତ୍ସବ

ବଲାଙ୍ଗିର ଲୋକ ମହୋତ୍ସବ-୨୦୨୫କୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉଦ୍‌ଘାଟନ କରିଛନ୍ତି । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବରେ ପଲ୍ଲିଶ୍ରୀ ମେଳା ଆୟୋଜନ ସହିତ ୩୦୦ ଷ୍ଟଲରେ ବିଭିନ୍ନ ସ୍ୱଦେଶୀ ସାମଗ୍ରୀ ବିକ୍ରିର ବ୍ୟବସ୍ଥା କରାଯାଇଛି । ୨୨ ବର୍ଷରେ ପଦାର୍ପଣ କରିଥିବା ଏହି ଲୋକମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

## ଝାଡାବାନ୍ତି

ପୁରୀ ଜିଲ୍ଲା କଣାସ ବ୍ଲକ୍‌ରେ ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଝାଡାବାନ୍ତି ଆକ୍ରାନ୍ତରେ ଏବେ ସୁଦ୍ଧା ଜଣଙ୍କର ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ସୂଚନା ମିଳିଛି । ଝାଡାବାନ୍ତି ବ୍ୟାପିବାକୁ ନେଇ ସ୍ୱାସ୍ଥ୍ୟବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି । ଆକ୍ରାନ୍ତମାନଙ୍କୁ ସ୍ୱତନ୍ତ୍ର ଡାକ୍ତରୀ ଦଳ ଚିକିତ୍ସା କରୁଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି । ବର୍ତ୍ତମାନ ସମୟରେ ସ୍ଥିତି ନିୟନ୍ତ୍ରଣାଧିନ ରହିଥିବାବେଳେ ସମସ୍ତ ବନ୍ଦୋବସ୍ତ, ଆବଶ୍ୟକୀୟ ସାମଗ୍ରୀ, ଔଷଧ ମହଜୁଦ୍ ରଖାଯାଇଥିବା ଶ୍ରୀ ମିଶ୍ର କହିଛନ୍ତି ।

## - V/O -

ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ଘଟଣାସ୍ଥଳ ପରିଦର୍ଶନ କରିଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

## ମହାଜାଗତିକ ଦୃଶ୍ୟ

ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ରେ ସୌରଜଗତର ୬ଟି ଗ୍ରହଙ୍କୁ ନେଇ ବିରଳ ମହାଜାଗତିକ ଦୃଶ୍ୟ ଦେଖିବାପାଇଁ ପର୍ଯ୍ୟଟକଙ୍କ ଲାଗି ବ୍ୟବସ୍ଥା କରାଯାଇଛି । ସର୍ବସାଧାରଣ ଆଜିଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସୋମବାର ବ୍ୟତୀତ ଅନ୍ୟ ଦିନଗୁଡ଼ିକରେ ସନ୍ଧ୍ୟା ସାଢ଼େ ୫ଟାରୁ ସାଢ଼େ ୭ଟା ପର୍ଯ୍ୟନ୍ତ ଏହି ବିରଳ ଦୃଶ୍ୟ ଦେଖିପାରିବେ । ମଙ୍ଗଳ, ଶୁକ୍ର, ବୃହସ୍ପତି, ଶନି, ନେପଚୁନ ଏବଂ ୟୁରାନସ ଗ୍ରହଗୁଡ଼ିକ ଏକ ସରଳରେଖାରେ ରହିବା ନେଇ ମହାଜାଗତିକ ଦୃଶ୍ୟ ଦେଖିବାର ସୁଯୋଗ ମିଳିବ ।

## ଗର୍ଭଗୃହ ଭିଡିଓ ଭାଇରାଲ

**ପୁରୀ** ଶ୍ରୀମନ୍ଦିରର ଭିତର ଫଟୋ ଓ ଭିଡିଓ ବାରମ୍ବାର ସାମାଜିକ ଗଣମାଧ୍ୟମରେ ପ୍ରଘଟ ହେବା ପରେ ପୁରୀ ପୁଲିସ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ମନ୍ଦିର ଚାରିପଟେ ସଚେତନତା ବାର୍ତ୍ତା ଥିବା ପୋଷ୍ଟର ଲଗାଯିବା ସହ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ଫୋନ୍ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ନିୟମ ଉଲ୍ଲଙ୍ଘନକାରୀଙ୍କୁ ଦଣ୍ଡିତ କରାଯିବା ସମ୍ପର୍କରେ ଏହି ପୋଷ୍ଟରରେ ସ୍ୱଷ୍ଟଭାବେ ଉଲ୍ଲେଖ କରାଯାଇଥିବା ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ କହିଛନ୍ତି ।

## ଡଲଫିନ ଗଣନା କାର୍ଯ୍ୟ ଶେଷ

**ଚିଲିକା**ରେ ଡଲ୍‌ଫିନ ଗଣନାକାର୍ଯ୍ୟ ଶେଷ ହୋଇଛି । ଗଣନାକାର୍ଯ୍ୟରେ ୧୮ଟି ଦଳ ନିୟୋଜିତ ହୋଇଥିଲେ । ଗଣନାକାରୀ

ଦଳର ରିପୋର୍ଟ ମିଳିବା ପରେ ଡଲ୍‌ଫିନ ସଂଖ୍ୟା ନେଇ ଚୂଡାନ୍ତ ସୂଚନା ମିଳିବ ବୋଲି ବନବିଭାଗ କହିଛି । ଗତବର୍ଷ ଚିଲିକାରେ ୧୫୫ ଡଲଫିନ୍ ଥିବା ଗଣନାରୁ ଜଣାପଡିଥିଲା ।

## ଆୟୁଷ୍ମାନ ଆରୋଗ୍ୟ ଶିବିର

**ନବରଙ୍ଗପୁର** ଜିଲା ଡାବୁଗାଁ ବ୍ଲକ୍ ଜବାଗୁଡ଼ା ପଞ୍ଚାୟତ ଅଧୀନ ଫୁଲଭଟ୍ଟା ଗ୍ରାମରେ ଆୟୁଷ୍ମାନ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ରାବଣାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର  ଅଧିକାରୀ ଡାକ୍ତର ଅସିତ କୁମାର କର ଓ ଫୁଲଭଟ୍ଟା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କମ୍ୟୁନିଟି ହେଲଥ୍ ଅଫିସର ମନୋଜ ସୁନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିରରେ ବିଭିନ୍ନ ରୋଗ ନିରୂପଣ ସହ ଲୋକମାନଙ୍କୁ ମାଗଣା ଔଷଧ ବିତରଣ କରାଯାଇଥିଲା ।

## ନାଗରିକ ଆଇନ ସଚେତନତା

କେନ୍ଦୁଝର ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନାଗରିକଙ୍କ ସାମ୍ବିଧାନିକ ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି । ଏଥିରେ କର୍ମକ୍ଷେତ୍ରରେ ମହିଳାମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା ।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗରେ ରାଞ୍ଚିର ଜୟପାଲସିଂହ ମୁଣ୍ଡା ହକି ଷ୍ଟାଡିୟମଠାରେ ଓଡ଼ିଶା ୱାରିୟର୍ସ ଓ ସୁରମା ହକି କ୍ଲବ୍ ମଧ୍ୟରେ ସନ୍ଧ୍ୟା ୬ଟାରେ ମ୍ୟାଚ୍ ଖେଳାଯିବ ।

ଅନ୍ୟ ଏକ ମ୍ୟାଚ୍ ପୁରୁଷ ବର୍ଗରେ ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ସନ୍ଧ୍ୟା ୮ଟା ୧୫ ମିନିଟ୍‌ରେ ୟୁପି ରୁଦ୍ରାସ ଓ ଟିମ୍ ଗୋନାସିକା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

## ପାଣିପାଗ

ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଜିଠାରୁ ଶୀତର ପ୍ରଭାବ ହ୍ରାସ ପାଇବ । ଉଷ୍ମ ଜଳୀୟବାଷ୍ପ ପ୍ରବେଶ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଅପରପକ୍ଷରେ, ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଘନ କୁହୁଡି ହେବା ନେଇ ଜଗତ୍‌ସିଂହପୁର, କେନ୍ଦ୍ରାପଡା, କଟକ ଓ ଖୋର୍ଦ୍ଧା ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।